# ଜନସେବକ ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ



କଟକ,୩।୧(ସମିସ): ଏହି ଶୀତର ପ୍ରକୋପରୁ ଅସହାୟ ଲୋକଙ୍କୁ ରକ୍ଷା କରିବା ପାଇଁ କହ୍ନେଇପୁରସ୍ଥିତ 'ଜନ ସେବକ ସଂଗଠନ' ପକ୍ଷରୁ ଏକ ମହନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ସଂଗଠନ ପକ୍ଷରୁ ଆଜି ବଣ ବିଦ୍ୟାଧରପୁର ସ୍ଥିତ ଆଦିବାସୀ ବସ୍ତି, କହ୍ନେଇପୁର ଏବଂ ଭଡ଼ିମୂଳ ଅଞ୍ଚଳରେ ରହୁଥିବା ୭୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଅନୁଷ୍ଠାନର ସଭାପତି ନିମାଇଁ ଚରଣ ମହାନ୍ତି, ସାଧାରଣ ସମ୍ପାଦକ ସୁଧାକର ଶତପଥୀ ଏବଂ ସଂଗଠନ ସମ୍ପାଦକ ଡ. ଅର୍ଜୁନ ଚରଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ପ୍ରଦାନ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ରଘୁନାଥ ମିଶ୍ରଙ୍କ ସମେତ ସଦସ୍ୟ ଶରତ ଚନ୍ଦ୍ର ଦାସ, ଶ୍ରାବଣ ଦାସ, ସବିତା ଦାସ ଏବଂ ପିଥାଲାଲ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ। ଶୀତ ସମୟରେ ଏଭଳି ସାହାଯ୍ୟ ପାଇବା ପରେ ସ୍ଥାନୀୟ ବୃଦ୍ଧବୃଦ୍ଧାମାନେ ସଂଗଠନ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ ସଂଗଠନ ପକ୍ଷରୁ ଏଭଳି ଅନେକ ଜନହିତକର କାର୍ଯ୍ୟ ଜାରି ରହିବ ବୋଲି କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

# ଆମ୍ବେଦକର ସ୍ମୃତି ପରିଷଦର ସମ୍ବର୍ଦ୍ଧନା ସଭା

କଟକ,୩।୧(ସମିସ): କଟକ ମହାନଗର ନିଗମ ୫୬ ଓ ୫୭ ନଂ ଅନ୍ତର୍ଗତ ବାଲିକୁଦାଠାରେ ସ୍ୱେଚ୍ଛାସେବୀ ସଂଗଠନ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା ପରିଷଦର ସଭାପତି ତଥା ସମାଜସେବୀ ସୁକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଂଗଠନ ପକ୍ଷରୁ ସାମ୍ବାଦିକ ପ୍ରତାପଚନ୍ଦ୍ର ସେନାପତି ଓ ସମ୍ବାଦପତ୍ର ବିକ୍ରେତା ଅଭୟ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ରବୀନ୍ଦ୍ର ବେହେରା, ଅଟଳ କିଶୋର ଜେନା, ଅକ୍ଷୟ ଦାସ, ଦୁର୍ଗାଚରଣ ସେଠୀ, ସୁରେଶ ସ୍ୱାଇଁ, ଲିପୁନ୍ ନାୟକ, ରାକା ସ୍ୱାଇଁ ପ୍ରମୁଖଙ୍କୁ ରାମାକାନ୍ତ ସେଠୀ ସମ୍ମାନିତ କରିଥିଲେ। ଏହି ବନ୍ଧୁମିଳନ ଓ ସମ୍ବର୍ଦ୍ଧିତ ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସଂଗଠନର ଉତ୍ତୋରତର ଉନ୍ନତି କାମନା କରିଥିଲେ।

# ଘନ କୁହୁଡ଼ିରେ ପୋଡ଼ିଯାଉଛି ପାନ ବରଜ

କଟକ,୩।୧(ସମିସ):



ବିଗତ କିଛି ଦିନ ହେବ ଜିଲ୍ଲାରେ ଜାରି ରହିଥିବା ପ୍ରବଳ ଘନ କୁହୁଡ଼ି ପାନ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। କୁହୁଡ଼ି ଯୋଗୁଁ ପାନ ପତ୍ର ଉତ୍ପାଦନ ଗଭୀର ଭାବେ ପ୍ରଭାବିତ ହେବା ସହ ପତ୍ରଗୁଡ଼ିକ ଶୁଖି ନଷ୍ଟ ହୋଇଯାଉଛି। ଏହାର ପ୍ରଭାବ ସିଧାସଳଖ

## ଉତ୍ପାଦନ ହ୍ରାସ ସାଙ୍ଗକୁ ପାନପତ୍ର ଦର ଆକାଶଛୁଆଁ

## ସପ୍ତାହକରେ ବଢ଼ିଲା ଦୁଇଗୁଣା

ବଜାର ଦର ଉପରେ ପଡ଼ିଥିବା ବେଳେ ଗତ ଏକ ସପ୍ତାହ ମଧ୍ୟରେ ପାନପତ୍ର ଦର ପ୍ରାୟ ଦୁଇଗୁଣା ବୃଦ୍ଧି ପାଇଛି। ଜିଲ୍ଲାର ପ୍ରସିଦ୍ଧ ପାନ ଚାଷ ଅଞ୍ଚଳ ଭାବେ ଜଣାଶୁଣା ନିଆଳି, ଅଥଗଡ଼ ଓ କଣ୍ଟାପଡ଼ାରେ ଉତ୍ପାଦନ ହ୍ରାସ ପାଇଥିବାରୁ ବଜାରରେ ଏବେ ଏକ ହଜାର ପତ୍ର ବିଶିଷ୍ଟ ବିଡ଼ାର ମୂଲ୍ୟ ୨ ହଜାର ଟଙ୍କାରେ ପହଞ୍ଚିଛି, ଯାହା ମାତ୍ର ୧୦ ଦିନ ପୂର୍ବରୁ ୧୦୦୦ ଟଙ୍କା ରହିଥିଲା। ସେହିଭଳି ଖୁଚୁରା ବଜାରରେ ପାନ କଡ଼ା ପ୍ରତି ଦର ୭୦ ଟଙ୍କାକୁ ବୃଦ୍ଧି ପାଇଥିବାରୁ ସାଧାରଣ ଗ୍ରାହକ ମଧ୍ୟ ହଇରାଣ ହେଉଛନ୍ତି।

ସୂଚନାନୁସାରେ, ଜିଲ୍ଲାରେ ପାନ ଚାଷର ପରିସର କ୍ରମାଗତ ଭାବେ ସଙ୍କୁଚିତ ହେବାରେ ଲାଗିଛି। ଦଶନ୍ଧିଏ ପୂର୍ବରୁ ଜିଲ୍ଲାରେ ପ୍ରାୟ ୭ ହଜାରରୁ ଅଧିକ ପାନ ବରଜ ରହିଥିବା ବେଳେ ଏବେ ଏହା ୩ ହଜାରକୁ ଖସି ଆସିଛି। ବାରମ୍ବାର ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବରଜଗୁଡ଼ିକ କ୍ଷତିଗ୍ରସ୍ତ ହେବା ପରେ ଚାଷୀମାନେ ପୁନର୍ବାର ସେଗୁଡ଼ିକୁ ଠିଆ କରିବାକୁ ସକ୍ଷମ ହେଉନାହାନ୍ତି। ଯଦିଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଅନ୍ୟ ବ୍ଲକଗୁଡ଼ିକରେ ଚାଷ ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି, ମାତ୍ର ପାଣିପାଗର ପ୍ରତିକୂଳ ପ୍ରଭାବ ଚାଷୀଙ୍କୁ ହତାଶ କରିଛି। କଟକ ସହରର ଓଏମପି, ଛତ୍ରବଜାର, ଚୌଧୁରୀବଜାର ଓ ଦୋଳମୁଣ୍ଡାଇ ଭଳି ପ୍ରାୟ ୧୫ଟି ହୋଲସେଲ ଗୋଦାମକୁ ଏବେ ବରଜରୁ ପାନ ଆସିବା କମିଯାଇଛି। କଟକ ଜିଲ୍ଲାରୁ ଉତ୍ପାଦିତ ଉନ୍ନତମାନର ପାନ ପତ୍ର ମହାରାଷ୍ଟ୍ର, ବନାରସ ଓ କୋଲକାତା ଭଳି ରାଜ୍ୟ ବାହାରକୁ ରପ୍ତାନି ହୋଇଥାଏ। ହୋଲସେଲ ବ୍ୟବସାୟୀ ଯୋଗେନ୍ଦ୍ର ନାୟକଙ୍କ କହିବା ଅନୁଯାୟୀ, ଦୈନିକ କଟକ ସହରର ଗୋଦାମଗୁଡ଼ିକରେ ୫ରୁ ୧୦ ଲକ୍ଷ ଟଙ୍କାର କାରବାର ହୋଇଥାଏ। ମାତ୍ର ଏବେ ଉତ୍ପାଦନ କମିଥିବାରୁ ବ୍ୟବସାୟ ବାଧାପ୍ରାପ୍ତ ହେଉଛି। ଯଦି କୁହୁଡ଼ିର ପ୍ରଭାବ ଆହୁରି କିଛି ଦିନ ଜାରି ରହେ, ତେବେ ପାନପତ୍ର ଦର ଆହୁରି ବଢ଼ିବାର ସମ୍ଭାବନା ରହିଛି। ସରକାରୀସ୍ତରରେ ପାନ ଚାଷୀଙ୍କୁ ପ୍ରୋତ୍ସାହନ ଓ ବୀମା ସୁବିଧା ଯୋଗାଇଦେବାକୁ ଚାଷୀମହଲରେ ଦାବି ହୋଇଛି।





ରୌପ୍ୟନଗରୀରେ କୁହୁଡ଼ି ଚାଦର...

# କଥା ଦେଇ ରଖିଲେନି ବିଧାୟକ

କିଶନନଗର,୩।୧(ସମିସ): କଟକ ସଦର ଅନ୍ତର୍ଗତ ଧରିଣା ପଞ୍ଚାୟତ କମରପଦା ଅର୍ଚ୍ଛୀଲ ଭୁଟାନ ଗାଦିଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପାରମ୍ପରିକ ରୀତିନୀତିରେ ମହାପୁରୁଷ ଜଗୁ ଦାସ ଗୋସ୍ୱାମୀଙ୍କ ୨୬ତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରି ଦିନ ଧରି ଚାଲିଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିବା ବେଳେ ସ୍ଥାନୀୟ ବିଧାୟକଙ୍କ ଅନୁପସ୍ଥିତି ସମସ୍ତଙ୍କୁ ମର୍ମାହତ କରିଛି। ସୂଚନାଯୋଗ୍ୟ ଯେ ଏହି ଗ୍ରାମଟି କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ମାମୁଘର ଗାଁ ହୋଇଥିବାରୁ ତାଙ୍କୁ ଏହି ଉତ୍ସବରେ ଯୋଗଦେବା ପାଇଁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥିଲା। ବିଧାୟକ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ପାଇଁ ଶ୍ରଦ୍ଧାଳୁ ଓ କମିଟିକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ବିଧାୟକ ନ ଆସିବା ଫଳରେ ସମସ୍ତ ଆୟୋଜନ ଫିକା ପଡ଼ିଯାଇଛି। ବିଧାୟକଙ୍କ ଏଭଳି ଆଚରଣକୁ ନେଇ ସମିତି ସଭ୍ୟାଙ୍କ ପ୍ରତିନିଧି ତ୍ରିନାଥ ଦାସ, ବଳରାମ ସେଠୀ, ସୁଦର୍ଶନ ସେଠୀ, ପ୍ରଫୁଲ୍ଲ ପଟ୍ଟନାୟକ, ମଙ୍ଗୁଳି ପ୍ରଧାନ ଓ ସୁମନ୍ତ ପ୍ରଧାନ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, କେବଳ ଏହି କାର୍ଯ୍ୟକ୍ରମ ନୁହେଁ, ବରଂ ଅଳ୍ପ ଦିନ ତଳେ ଅର୍ଚ୍ଛିଲ କୋଚିଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ମଧ୍ୟ ବିଧାୟକ ଆସିବେ ବୋଲି କହି ଶେଷରେ ଆସି ନ ଥିଲେ। ବାରମ୍ବାର ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଅବହେଳା କରିବା ଏବଂ ଲୋକଙ୍କ ଆସ୍ଥା ସହ ଖେଳିବା ବିଧାୟକଙ୍କ ପାଇଁ ଶୋଭା ପାଉନାହିଁ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

**ମହାପୁରୁଷ ଜଗୁ ଦାସ ଗୋସ୍ୱାମୀଙ୍କ ମହୋତ୍ସବରେ ବିଧାୟକ ଅନୁପସ୍ଥିତ, ଗ୍ରାମବାସୀ ଅସନ୍ତୁଷ୍ଟ**

# ଆତ୍ମରକ୍ଷା କୌଶଳ ତାଲିମ ଶିବିର

ଚୌଦ୍ୱାର,୩।୧(ସମିସ): ଚୌଦ୍ୱାର ମହାବିଦ୍ୟାଳୟ + ୩ ପ୍ରଥମ ବର୍ଷ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଅଧ୍ୟକ୍ଷା ରଶ୍ମି ରାଉତରାୟ ଶିବିରକୁ ଉଦ୍‌ଘାଟିତ ହୋଇଯାଇଛି। ପ୍ରାଧ୍ୟାପକ ପ୍ରଭାକର ମିଶ୍ର, ଅଧ୍ୟାପକ ଯୁକ୍ତେଶ୍ୱର ଦାସ, ସୁମନ୍ତ ସାହୁ, ଅଧ୍ୟାପିକା ସରିତା ମିଶ୍ର, ଅନୁପମା ତ୍ରିପାଠୀ ପ୍ରମୁଖ ଶିବିରାର୍ଥିନୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ବିସ୍ମିତା ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି ୮ଦିନିଆ ଶିବିରରେ ପ୍ରଶିକ୍ଷିକା ଲତିକା ସ୍ୱାଇଁ ଆତ୍ମରକ୍ଷା ସମ୍ବନ୍ଧୀୟ କୌଶଳ ଉପରେ ତାଲିମ ପ୍ରଦାନ କରିବେ। ଛାତ୍ରୀ ସୌମ୍ୟାରାଣୀ ସାମଲ ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ ଯନ୍ତ୍ରୀ ଓ କ୍ରୀଡ଼ାବିତଙ୍କ ପରଲୋକ

ଟାଙ୍ଗୀ,୩।୧(ସମିସ): ଇଂରାଜୀ ନବବର୍ଷ ମଧ୍ୟାହ୍ନରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ଟାଙ୍ଗୀ ନିବାସୀ ଅବସରପ୍ରାପ୍ତ ଯନ୍ତ୍ରୀ ତଥା କ୍ରୀଡ଼ାବିତ ଗଜେନ୍ଦ୍ର କୁମାର ସାହୁଙ୍କ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ୮୬ ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିବା ସ୍ୱର୍ଗତଃ ସାହୁ ଯନ୍ତ୍ରୀ ଭାବେ ଯେତିକି ପରିଚିତ ଥିଲେ ତା'ଠୁ ଅଧିକ ପରିଚିତ ଥିଲେ ଜଣେ ଫୁଟବଲ ଖେଳାଳି ଭାବେ। ଅବସର ଗ୍ରହଣ ପରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ଥିବା ସ୍ୱର୍ଗତଃ ସାହୁ ଜଣେ ମିଷ୍ଟଭାଷୀ ତଥା



ପରୋପକାରୀ ବ୍ୟକ୍ତିଭାବେ ଅଞ୍ଚଳରେ ପରିଚିତ ଥିଲେ। ଫଳରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ ପୂର୍ବକ ଅମର ଆତ୍ମାର ସଦଗତି କାମନା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଦୁଇପୁତ୍ର, ପୁତ୍ରବଧୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଗ୍ରାମସ୍ଥ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିବାବେଳେ ଜ୍ୟେଷ୍ଠପୁତ୍ର ମନୋଜ ସାହୁ ମୁଖାଗ୍ନି ଦେଇଥିଲେ।

# ଶିଶୁ ମନ୍ଦିରର ପୂର୍ବତନ ସଭାପତିଙ୍କୁ ଶ୍ରଦ୍ଧାଞ୍ଜଳି

ସାଲେପୁର,୩।୧(ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାଲେପୁରର ପୂର୍ବତନ ସଭାପତି ତ୍ରିଲୋଚନ ଶତପଥୀଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସାଲେପୁର ଶିଶୁମନ୍ଦିର ପରିବାର ପକ୍ଷରୁ ଅନ୍ତିମ ଦର୍ଶନ କରିବା ସହ ଏକ ଶ୍ରଦ୍ଧାଞ୍ଜଳି ସଭା ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରଶାସନିକ ସମିତିର



କାର୍ଯ୍ୟକର୍ତ୍ତା ପ୍ରଶାନ୍ତ କର, ରମାକାନ୍ତ ନାୟକ, ସଞ୍ଜୟ ଦଳାଇ, ପ୍ରଧାନାଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀ, ସମସ୍ତ ଗୁରୁଜୀ ଗୁରୁମା, ସେବକ ସେବିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସ୍ୱର୍ଗତ ତ୍ରିଲୋଚନ ଶତପଥିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିବା ସହ ସ୍ମୃତିଚାରଣ କରିଥିଲେ।

# ଔଷଧୀୟ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ସାଲେପୁର,୩।୧(ସମିସ): ବିଜ୍ଞାନ ପ୍ରଚାର ସମିତି ପକ୍ଷରୁ ଔଷଧୀୟ ଚାଷ ସଂପର୍କିତ ଶିକ୍ଷଣ ଶିବିର ପିକୋଳସ୍ଥିତ ବିଜ୍ଞାନ ପ୍ରଚାର ସମିତି ସାଲେପୁର ଶାଖା ଓ ଜଗନ୍ନାଥ ଗୋପିନାଥ ଟ୍ରଷ୍ଟ ଆନୁକୂଲ୍ୟରେ ଟ୍ରଷ୍ଟ ସଭାଗୃହରେ ଔଷଧୀୟ ବୃକ୍ଷ ଓ ସୁଗନ୍ଧିତ ଫସଲର ଚାଷ ଶୀର୍ଷକ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମିତିର ସଭାନେତ୍ରୀ ମେଜର ମଞ୍ଜୁଶ୍ରୀ ପତି ସଭାପତିତ୍ୱ କରିଥିବାବେଳେ ଟ୍ରଷ୍ଟର ପ୍ରତିଷ୍ଠାତା ସୁକାନ୍ତ ମହାନ୍ତି ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ଭାବେ କୃପାଜଳ ଇଂଜିନିୟରିଂ ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ତଥା ବରିଷ୍ଠ ଗବେଷକ ଡଃ ପ୍ରିୟବ୍ରତ ମହାପାତ୍ର ଚାଷୀଙ୍କୁ ଆଧୁନିକ ଓ ଲାଭଜନ କୃଷିପ୍ରଣାଳୀ ସଂପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ୨୫ରୁ ଅଧିକ ପ୍ରଗତିଶୀଳ ଚାଷୀ ଅଂଶଗ୍ରହଣ କରିଥିଲେ। ଏଥିରେ ଅତିଥିଭାବେ ଏନ୍‌ଟିପିସି ଆସାମର ଉପମୁଖ୍ୟ ପରିଚାଳକ ଡଃ ଅଂଶୁମାନ୍ ଦାଶ ଯୋଗଦେଇଥିଲେ। ଉପସଭାପତି ବିପିନ ବିହାରୀ କର, ଉପଦେଷ୍ଟା ଡ. ପୂର୍ଣ୍ଣଚନ୍ଦ୍ର ଓଝା, ଡ. ଉମେଶ ଚନ୍ଦ୍ର ପତି, ଶାରଦା ପ୍ରସାଦ ରଥ, ପ୍ରତାପ କିଶୋର ଜେନା, ଦିବାକର ପ୍ରଧାନ, ପୁରୁଷୋତ୍ତମ ବେହେରା, ପ୍ରଫୁଲ୍ଲ ମହାନ୍ତି, ବିଜୟଲକ୍ଷ୍ମୀ କର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜଗନ୍ନାଥ ଗୋପୀନାଥ ଟ୍ରଷ୍ଟର ୨୦୨୬ ମସିହାର ଏକ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା। ସମିତିର ସଂପାଦକ ମହେଶଚନ୍ଦ୍ର କର ଧନ୍ୟବାଦ ଦେଇଥିଲେ।

# ଯାନ୍ତ୍ରିକ ଧାଡ଼ିବୁଣା ଧାନଚାଷୀଙ୍କ କର୍ମଶାଳା



ମାହାଙ୍ଗା,୩।୧(ସମିସ): ମାହାଙ୍ଗା ବ୍ଲକ କୁହୁଣ୍ଡା ଗ୍ରାମପଞ୍ଚାୟତ ପ୍ରାଙ୍ଗଣରେ ଚାଷୀଙ୍କୁ ନେଇ ଏକ ସଚେତନତା କର୍ମଶାଳା ବ୍ଲକ ସହକାରୀ କୃଷି ଅଧିକାରୀ ସାର୍ଥକ ପାଣୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସରକାରୀ ପ୍ରୋତ୍ସାହନରେ ଯାନ୍ତ୍ରିକ ଧାଡିବୁଣା ଧାନଚାଷ କରିଥିବା ଚାଷମାନଙ୍କୁ ଅଧିକ ଫସଲ ଅମଳ ପାଇଁ ଶ୍ରୀ ପାଣି ତାଲିମ ପ୍ରଦାନ କରିବା ସହିତ, ସେମାନେ କିପରି କୃଷି କାର୍ଯ୍ୟରେ ଅଧିକ ସଚେତନ ହୋଇପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ନିଗମର ଜିଲ୍ଲା ସଂଯୋଜକ ସରୋଜ ସାମଲ ଏହି ଚାଷୀ ସଚେତନତା କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ। କୁଣ୍ଡି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଅଖିଳେଶ ପଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ହେମନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ନିଗମର ଜିଲ୍ଲା କୃଷି ସଂଯୋଜକ ଅନନ୍ତ ଗୋପାଳ ପ୍ରତିହାରୀ, କୁହୁଣ୍ଡା ପଞ୍ଚାୟତ କୃଷି ଅଧିକାରୀ ଦେବାଶିଷ ରାଉତ ଅଗ୍ରଣୀ ଚାଷୀଙ୍କୁ ତାଲିମ ପ୍ରଦାନ କରିଥିଲେ। ପଞ୍ଚାୟତ କୃଷକ ସାଥୀ ପ୍ରମୋଦ ମହାନ୍ତି ଏବଂ ନରେନ୍ଦ୍ର ସାମଲ ଶିବିର ପରିଚାଳନା କରିଥିଲେ। ଏହି ସଚେତନତା ଶିବିରରେ ଅଗ୍ରଣୀ ଚାଷୀ ଗୋବିନ୍ଦ ସାହୁ, ନିରଞ୍ଜନ ମୁଦୁଲି, ଅରୁଣ ରାଉତ, ପ୍ରଦୀପ୍ତ ବିଶ୍ୱାଳ, ଗୌରୀଶଙ୍କର ମହାପାତ୍ର, ଶରତ ବେହେରା, ଭାଗ୍ୟଧର ରାଉତଙ୍କ ସହ ବହୁ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ।

# ସାହିତ୍ୟିକ ଇଂ ଉଦ୍ଧବ ଚରଣ ନାୟକଙ୍କ ପରଲୋକ

ସାଲେପୁର,୩।୧(ସମିସ): ସଉରୀ ପଞ୍ଚାୟତ ଶାରଦା ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋଲଖ ଚନ୍ଦ୍ର ନାୟକଙ୍କ ଜ୍ୟେଷ୍ଠ ପୁତ୍ର ଇଂ ଉଦ୍ଧବ ଚରଣ ନାୟକଙ୍କ ପରଲୋକ ହୋଇଯାଇଛି।



ଦୀର୍ଘ ବର୍ଷ ଧରି ସ୍ୱର୍ଗତ ନାୟକ ସାମରିକ ବିଭାଗର ବରିଷ୍ଠ ଅଧିକାରୀ ରୂପେ କାର୍ଯ୍ୟ କରି ଅବସର ନେବାପରେ ସ୍ଥାନୀୟ ଶାରଦା ଓ ଅଲିପୁର ଗ୍ରାମରେ ବସବାସ କରି ଲୋକମାନଙ୍କର ସୁଖଦୁଃଖରେ ସାମିଲ ହେଉଥିଲେ। ସେ ଜଣେ ଲେଖକ ଓ ସାହିତ୍ୟ ସଂଗଠକ ରୂପେ ପରିଚିତ ଥିଲେ। ତାଙ୍କର ବିୟୋଗରେ ସାଲେପୁର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ସହ ତାଙ୍କର ନିବିଡ଼ ସଂପର୍କ ରହିଥିଲା।

# ନିଷିଦ୍ଧ ଅଶ୍ଳୀଳ ୱେବ୍‌ସାଇଟ୍ ଦେଖିବା ପଡ଼ିଲା ମହଙ୍ଗା

ସାଲେପୁର,୩।୧(ସମିସ):

ସାଲେପୁର ଅଞ୍ଚଳରେ ସରକାରୀ ନିୟମକୁ ବେଖାତିର କରି ପ୍ରତିବନ୍ଧକ ଲଗାଯାଇଥିବା ଅଶ୍ଳୀଳ ୱେବସାଇଟ୍ ବାରମ୍ବାର ଦେଖିବା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଉଛନ୍ତି ସାଲେପୁର ଥାନା ଅଧୀନ ମାତନଗର ଗ୍ରାମର ସୟଦ୍ ଖାଁ (୨୭)। ସୂଚନା ଅନୁଯାୟୀ, ସୟଦ୍ ନିଜ ମୋବାଇଲ୍ ଫୋନ୍ ମାଧ୍ୟମରେ ସରକାରଙ୍କ ଦ୍ୱାରା ନିଷିଦ୍ଧ କରାଯାଇଥିବା ବିଭିନ୍ନ ଅଶ୍ଳୀଳ ୱେବସାଇଟ୍‌କୁ ବାରମ୍ବାର ଖୋଲି ଭିଡିଓ ଦେଖୁଥିଲେ। ଏହି ବେଆଇନ କାର୍ଯ୍ୟକଳାପ ଉପରେ କ୍ରାଇମବ୍ରାଞ୍ଚ କଡ଼ା ନଜର ରଖିଥିବା ବେଳେ ସୟଦ୍‌ଙ୍କ ମୋବାଇଲ୍ ଆକ୍ଟିଭିଟିକୁ ଟ୍ରାକ୍ କରାଯାଇ ସାଲେପୁର ପୁଲିସକୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। କ୍ରାଇମବ୍ରାଞ୍ଚରୁ ସୂଚନା ପାଇବା ପରେ ସାଲେପୁର ଥାନାଧିକାରୀ ଅନିତା ସାହୁ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ନିଜ ଆଡୁ କେସ୍ ନଂ-୪/୨୬ରେ ଏକ ମାମଲା ରୁଜୁ କରିଥିଲେ। ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବା ସହ ତାଙ୍କ ମୋବାଇଲ୍ ଫୋନ୍‌କୁ ଜବତ କରିଛି। ସାମ୍ପ୍ରତିକ ସମୟରେ ସାଇବର ମନିଟରିଂ ବ୍ୟବସ୍ଥା ଅତ୍ୟନ୍ତ ସକ୍ରିୟ ଥିବାରୁ ସରକାରଙ୍କ ଦ୍ୱାରା ପ୍ରତିବନ୍ଧକ ଲଗାଯାଇଥିବା କୌଣସି ବି ୱେବସାଇଟ୍ କିମ୍ବା ଆପ୍ ବ୍ୟବହାର ନ କରିବାକୁ ପୁଲିସ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଯାଇଛି। ସରକାରୀ ନିୟମ ଉଲ୍ଲଂଘନ କଲେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଚେତାବନୀ ଦେଇଛି।

**ସାଲେପୁରରେ ଯୁବକ ଗିରଫ**















# ଭିରୁଡ଼ା ଗ୍ରାମ ଭିତରେ ବୁଲୁଛି ହାତୀ

ତିଗିରିଆ,୩।୧(ସମିସ): ତିଗିରିଆ ବ୍ଲକ ଅଧୀନ ପାହାଡ ପର୍ବତ ଘେରା ଭିରୁଡ଼ା ଗ୍ରାମରେ କିଛିଦିନ ଧରି ହାତୀ ଆତଙ୍କ ଦେଖିବାକୁ ମିଳିଛି।

## ବେଫିକର ବନ ବିଭାଗ, ବଢୁଛି ଅସନ୍ତୋଷ



ଗୋଟିଏ ଦଳ ଛଡା ହାତୀ କିଛିଦିନ ହେବ ସକାଳ ସମୟରେ ଗ୍ରାମ ମଧ୍ୟରେ ଘୂରି ବୁଲୁଥିବା ଦେଖିବାକୁ ମିଳିଛି। କିଛି ଦିନ ଧରି ସମ୍ପୂର୍ଣ୍ଣ ତିଗିରିଆ ବ୍ଲକରେ କୁହୁଡି ପଡୁଥିବା ବେଳେ ସକାଳେ ଭିରୁଡା ଗ୍ରାମରେ ଘନ କୁହୁଡି ପଡୁଥିବାରୁ ସମ୍ମୁଖ ଭାଗ ସ୍ପଷ୍ଟ ଦେଖାଯାଉନାହିଁ। ଏପରିକି ହାତୀ ଗ୍ରାମରେ ବୁଲୁଥିବା ବେଳେ ତାକୁ ଦେଖିବା ସମ୍ଭବ ହେଉନାହିଁ। ଫଳରେ ସ୍ଥାନୀୟ ଜନସାଧାରଣ ଅଦୃଶ୍ୟ ବିପଦ ପାଇଁ ଭୟଭୀତ ଅବସ୍ଥାରେ ରହୁଥିବା ଜଣାପଡିଛି।

କିଛିଦିନ ହେବ ହାତୀଟି ଗ୍ରାମକୁ ସକାଳ ସମୟରେ ବାରମ୍ବାର ଆସୁଥିବା ବେଳେ ହାତୀକୁ ଘଉଡାଇବା ପାଇଁ ବନବିଭାଗ ପକ୍ଷରୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି।

ଆଗାମୀ ଦିନରେ କୌଣସି ଅଘଟଣ ଘଟି ଧନଜୀବନ କ୍ଷୟକ୍ଷତି ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ସ୍ଥାନୀୟ ଜନସାଧାରଣ ପ୍ରଶ୍ନ କରିଛନ୍ତି। ତିଗିରିଆ ବନବିଭାଗ ପକ୍ଷରୁ ଯଥାଶୀଘ୍ର ହାତୀଟିକୁ ଜଙ୍ଗଲ ମଧ୍ୟରେ ଛାଡିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ହାତୀ ଚଳାଚଳ କରୁଥିବା ରାସ୍ତାରେ ପାଟ୍ରୋଲିଂ କଡାକଡି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମା'ଭଗବତୀଙ୍କ ପୀଠରେ ମକର ମେଳା ପ୍ରସ୍ତୁତି

ସାଲେପୁର,୩।୧(ସମିସ): ବଟେଶ୍ୱର ମା'ଭଗବତୀଙ୍କ ପୀଠରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ମେଳା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ପୀଠର ବଡ଼ପଣ୍ଡା ଦୁର୍ଗାପ୍ରସାଦ ଦୀକ୍ଷିତ ଓ ସାନପଣ୍ଡା ପଦ୍ମନାଭ ଦୀକ୍ଷିତଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କର ଦର୍ଶନ କରିପାରିବେ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯାତ୍ରା ପାଇଁ ଆସୁଥିବା ବ୍ୟବସାୟୀଙ୍କ ସୁରକ୍ଷା ତଥା ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀରେ ବୁଡ଼ ପକାଇବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଯାତ୍ରାରେ ଆଲୋକୀକରଣ ଆଦି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ପୁଲିସ ପ୍ରଶାସନ ଓ ଅଗ୍ନିଶମ ବାହିନୀକୁ ଏଥିରେ ସହଯୋଗ ପାଇଁ କମିଟି ତରଫରୁ ନିବେଦନ କରାଯାଇଥିଲା। ଏହି ବୈଠକରେ ପର୍ଶୁରାମ ଦୀକ୍ଷିତ, ସରୋଜ ଦୀକ୍ଷିତ, ଅକ୍ଷୟ ଭୂୟାଁ, ବଂଶୀଧର ଦୀକ୍ଷିତ, ଦୀପକ ମହାପାତ୍ର, ଦେବାଶିଷ ଦୀକ୍ଷିତ, କରୁଣାକର ଦୀକ୍ଷିତ, ବିଚିତ୍ର ପଣ୍ଡା, ଜିତେନ୍ଦ୍ର ଦୀକ୍ଷିତ, ଅଜୟ ଦାଶ, ବୃନ୍ଦାବନ ଭୂୟାଁ, ସୁଶାନ୍ତ ସାହୁ, ତପନ ସାହୁ, ପ୍ରମୋଦ ଦୀକ୍ଷିତ, ବିନାୟକ ଦୀକ୍ଷିତ, କିଶୋର ଦୀକ୍ଷିତ, ନୃସିଂହ ଦୀକ୍ଷିତ, ଚନ୍ଦନ ଦୀକ୍ଷିତ, ମହେନ୍ଦ୍ର ଦାସ, ଦୀପକ ଦାସ, ପୂର୍ଣ୍ଣଚନ୍ଦ୍ର ଦୀକ୍ଷିତ, ପ୍ରତାପ ଭୂୟାଁ, ଯୁଗଳ ଦୀକ୍ଷିତ, ପ୍ରଭାତ ବେହେରା ଅଂଶଗ୍ରହଣ କରିଥିଲେ।

# ପ୍ରସିଦ୍ଧ ପୁଷ୍ୟାଭିଷେକ ସମାରୋହ ଆରମ୍ଭ

ଟାଙ୍ଗୀ,୩।୧(ସମିସ): ପବିତ୍ର ପୌଷ ପୂର୍ଣ୍ଣମୀ ଅବସରରେ କଟକ ଜିଲ୍ଲା ଟାଙ୍ଗୀର ପ୍ରସିଦ୍ଧ ପୁଷ୍ୟାଭିଷେକ ସମାରୋହ ଶନିବାର ଆରମ୍ଭ ହୋଇଛି। ମଦନମୋହନ ସାହିସ୍ଥିତ ଶ୍ରୀ ଶ୍ରୀ ମଦନମୋହନଜୀଉ, ହାଟସାହିର ମା' ହାଟଚଉରା, କୋଟସାହିର ଶ୍ରୀ ଶ୍ରୀ କୋଟେଶ୍ୱର ଓ ମଠସାହିର ମା' ସୁବର୍ଣ୍ଣ ବରାହୀଙ୍କ ପୀଠରେ ଅଭିଷେକ ଉତ୍ସବ ଓ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ଅଧ୍ୟକ୍ଷ ତ୍ରିଦେବ ବେହେରା ଉକ୍ତ ୪ଟି ପୀଠରେ ପହଞ୍ଚି ବିଭୂକୃପା ଲାଭ ସହ ସମାରୋହକୁ ସରସ ସୁନ୍ଦର କରିବା ଦିଗରେ ସହଯୋଗର ହାତ ବଢାଇଥିଲେ। ସେହିପରି ସମାରୋହର ପ୍ରଥମ ଦିବସରେ ୧୦୮ ବର୍ଷରେ ପଦାର୍ପଣ କରିଥିବା ମଦନମୋହନ ଡ୍ରାମାଟିକ୍ କ୍ଲବ ତରଫରୁ କୁନି କୁନି କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ରାସଲୀଳା ଅଭିନୀତ ହେବ। ୨ୟ ଦିବସରେ ଓଡ଼ିଶୀ ସଂକୀର୍ତ୍ତନ ଓ କ୍ଲବ ସଦସ୍ୟଙ୍କ ଦ୍ୱାରା ସାମାଜିକ ନାଟକ "ଏ ଆଖି କାନ୍ଦୁଛି ତୋରି ପାଇଁ" ମଞ୍ଚସ୍ଥ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି। ପ୍ରାୟ ସପ୍ତାହ ବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମ ଲାଗି ସମଗ୍ର ଟାଙ୍ଗୀ ଓ ଆଖପାଖ ଅଞ୍ଚଳ ଉତ୍ସବମୁଖର ହେବା ସହ ଘରେ ଘରେ ବନ୍ଧୁ ବାନ୍ଧବଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଆସନ୍ତା ୭ ତାରିଖଠାରୁ ଓଡ଼ିଶାର ସୁନାମଧନ୍ୟ ଅପେରା ଦଳ ଉପରୋକ୍ତ ୪ଟି ସାହିର ୪ଟି ମଞ୍ଚରେ ୩ ରାତି ଅପେରା ପ୍ରଦର୍ଶନ କରିବେ ବୋଲି ଜାଣିବାକୁ ମିଳିଛି।



# ନୂତନ ତହସିଲଦାରଙ୍କ ଯୋଗଦାନ



ନରସିଂହପୁର,୩।୧(ସମିସ): ଶୁକ୍ରବାର ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟରତ ଥିବା ଅମ୍ରିତା ସାହୁ ନରସିଂହପୁର ତହସିଲଦାର ଭାବେ ଦାୟିତ୍ୱ ଗ୍ରଗଣ କରିଛନ୍ତି। ଏଥିପୂର୍ବରୁ ନରସିଂହପୁର ତହସିଲ କାର୍ଯ୍ୟାଳୟରେ ନରସିଂହପୁର ବିଡିଓ ପ୍ରଳୟାନନ୍ଦ ଶତପଥୀ ତହସିଲଦାର ଦାୟିତ୍ୱରେ ରହିଥିଲେ। ଶ୍ରୀ ଶତପଥୀ ତହସିଲଦାର ସୁଶ୍ରୀ ସାହୁଙ୍କୁ ତହସିଲର ସମସ୍ତ ଦାୟିତ୍ୱ ପ୍ରଦାନ କରିଥିଲେ। ସୁଶ୍ରୀ ସାହୁଙ୍କୁ ବିଡ଼ିଓ ଶ୍ରୀ ଶତପଥୀ ଓ ତହସିଲ କର୍ମକର୍ତ୍ତାଙ୍କ ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ଅଞ୍ଚଳର ସାମଗ୍ରିକ ବିକାଶ ସହିତ ସାଧାରଣ ଲୋକଙ୍କର ସୁଚାରରୂପେ ସମସ୍ତ କାର୍ଯ୍ୟ କରାଯିବ ବୋଲି ସୁଶ୍ରୀ ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ମା' ଡମଣୀ ପୀଠରେ ମକରମେଳା ପ୍ରସ୍ତୁତି



ଚୌଦ୍ୱାର,୩।୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତର ବେରେଣା-କୋଚିଲା ନୂଆଗାଁ ଗ୍ରାମ ନିକଟ ପାହାଡ଼ସ୍ଥିତ ବନଦେବୀ ମା' ଡମଡମଣୀ ପୀଠରେ ଆସନ୍ତା ୧୪ ତାରିଖ ପ୍ରସିଦ୍ଧ ମକରମେଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଳା ପରିଚାଳନା ସମିତି ସଭାପତି ରବିନ୍ଦ୍ର ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଜୋନ-୧ ଏସିପି ଅରୁଣ ସ୍ୱାଇଁ, ଚୌଦ୍ୱାର ଅଇଆଇସି ଦୀପକ ଖଣ୍ଡାୟତରାୟ, ମଙ୍ଗରାଜପୁର ଫରେଷ୍ଟର ଅନୁପମା ସାହୁ, ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର ପାଣ୍ଡବ ପ୍ରମୁଖ ଭୋଗଲାଗି ନେଇ ମତ ଗ୍ରହଣ କରିଥିଲେ। ମେଳାରେ ବହୁ ଜନସମାଗମ ଦୃଷ୍ଟିରୁ ଆବଶ୍ୟକ ପଡିଲେ ଅଧିକ ଫୋର୍ସର ବ୍ୟବସ୍ଥା କରାଯିବ ବୋଲି ଏସିପି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିବର୍ଷ ମେଳାରେ ଭକ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ଗାୟତ୍ରୀ ପରିବାରର ସ୍ୱେଚ୍ଛାସେବୀ ପୂର୍ଣ୍ଣଚନ୍ଦ୍ର ସାହୁ, ସ୍ୱେଚ୍ଛସେବୀ ଅନୁଷ୍ଠାନ ଦରଦୀବନ୍ଧୁ, ଶଙ୍କରପୁର ୟୁନିଟ କ୍ଲବ ଓ ବ୍ଲକ ପ୍ରଶାସନର କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମା' ଡମଡମଣୀ ପରିଚାଳନା ସମିତିର ହିନ୍ଦୁ ବିରୁଆ, ରମାକାନ୍ତ ଜାରିକା, ଜୟନ୍ତ ପାତ୍ର, ସୁବାଷ ପ୍ରଧାନ, ସହଦେବ ବରାଳ, ପ୍ରଫୁଲ ପ୍ରଧାନ, ସୁଶାନ୍ତ ରାଉତ, ପୂଜକ ଦେବେନ୍ଦ୍ର ପଣ୍ଡା, ଛବି ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବାଳ ମୁକୁନ୍ଦଦେବଙ୍କ ପୌଷପୂର୍ଣ୍ଣିମା ମେଳା ଉଦ୍‌ଯାପିତ

ତିଗିରିଆ,୩।୧(ସମିସ): ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତ ମୁଣ୍ଡିପାଗୁଳି ପାହାଡ଼ସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ବାଳମୁକୁନ୍ଦ ଦେବଙ୍କ ପ୍ରସିଦ୍ଧ ପୌଷ ପୂର୍ଣ୍ଣିମା ମେଳା ଶନିବାର ଉଦଯାପିତ ହୋଇଯାଇଛି। ଭାଦ୍ରବ ମାସ ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥିଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ପ୍ରସିଦ୍ଧ ମେଳାର ଆଜି ଅନ୍ତିମ ଦିବସରେ ଗୀତା ଯଜ୍ଞ ଓ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ପୂର୍ଣ୍ଣାହୁତି ସହ ଚଳିତବର୍ଷର ମେଳା ଉଦଯାପିତ ହୋଇଥିବା ମନ୍ଦିର ପୂଜକ ଅକ୍ଷୟ କୁମାର ଦାଶ ସୂଚନା ଦେଇଛନ୍ତି। ଆଜି ମନ୍ଦିର ପରିସରରେ ଆଖପାଖ ଅଞ୍ଚଳର ତିନୋଟି ସଂକୀର୍ତ୍ତନମଣ୍ଡଳୀ ତରଫରୁ ସଂକୀର୍ତ୍ତନ ପରିବେଷଣ ସହ ମା' ଡାଳଖାଇ ପୂଜା କମିଟି ଆନୁକୂଲ୍ୟରେ ସନ୍ଧ୍ୟାରେ ମନ୍ଦିର ଭଜନ ପରିବେଷଣ ହୋଇଥିବା ବାଳମୁକୁନ୍ଦ ପୀଠ ଉନ୍ନୟନ ପରିଷଦର କର୍ମକର୍ତ୍ତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




## ଯୋଗେଶ୍ୱରୀ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଓସ୍ତପାଳକୁ ହରାଇ ଶିମିଳିପାଟଣା ଚାମ୍ପିଅନ



ତିଗିରିଆ,୩।୧(ସମିସ): ତିଗିରିଆ ବ୍ଲକ୍ ଭିରୁଡା ପଞ୍ଚାୟତ ଅଧୀନ ଗୋଡିଝରିଆ ଯାତ୍ରା ପଡିଆରେ ଚାଲିଥିବା ୨୫ତମ ଯୋଗେଶ୍ୱରୀ କ୍ରିକେଟ୍ କପର ଫାଇନାଲ ମ୍ୟାଚରେ ଢେଙ୍କାନାଳର ଶିମିଳିପାଟଣା ଦଳ ୮୮ ରନ ବ୍ୟବଧାନରେ ଢେଙ୍କାନାଳର ଓସ୍ତପାଳ ଦଳକୁ ହରାଇ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚରେ ତିଗିରିଆ ଗୋଷ୍ଠୀ ଶିକ୍ଷାଧିକାରୀ ଅମର ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ୍ ଟିମ୍ ଶିମିଳିପାଟଣାକୁ ଟ୍ରଫି ସହ ୧୦ ହଜାର ଓ ରନର୍ସଅପ୍ ଓସ୍ତପାଳକୁ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ତଥା ଯୋଗେଶ୍ୱରୀ କ୍ଲବର ସଭାପତି ମନୋରଞ୍ଜନ ସାହୁ, ପ୍ରକାଶ କୁମାର ଯୋଗ ଦେଇଥିଲେ। ଭାବଗ୍ରାହୀ ସାହୁ ଓ ଜିତେନ୍ଦ୍ର ସାହୁ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସଂଗ୍ରାମ ବେହେରା ଓ ନିଶିକାନ୍ତ ସାହୁ ଖେଳକୁ ପରିଚାଳନା କରିଥିଲେ।

## ■ ପରିବାର ଲୋକ ଆସିଲେନି

# ମୃତ ବ୍ୟକ୍ତିଙ୍କ ଶବ ସତ୍କାର କଲେ ସରପଞ୍ଚ ପ୍ରତିନିଧି



ତିଗିରିଆ, ୩।୧(ସମିସ): ତିଗିରିଆ ବ୍ଲକ ଅଧୀନ ଅଚଳକୋଟ ପଞ୍ଚାୟତ ଅଚଳକୋଟ ଗ୍ରାମରେ ଦୀର୍ଘ ୨୦ ବର୍ଷ ଧରି ରହି ଆସୁଥିବା ବାଙ୍କୀ ଥାନା ଅଧୀନ କୃଷ୍ଣପ୍ରସାଦ ଗ୍ରାମର ସୁବାସ ସାହୁଙ୍କର ଶନିବାର ସକାଳେ ମୃତ୍ୟୁ ହୋଇଥିଲା। ମୃତ ସୁବାସ ଦୀର୍ଘ ଦିନ ଧରି କିଡନୀ ରୋଗରେ ଆକ୍ରାନ୍ତ ଥିଲେ। ମୃତ୍ୟୁପରେ ସୁବାସଙ୍କ ପରିବାର ପକ୍ଷରୁ କୌଣସି ସଦସ୍ୟ ଶବ ସତ୍କାର ପାଇଁ ଆସି ନଥିଲେ। ଦୀର୍ଘ ସମୟ ଅପେକ୍ଷା କରିବା ପରେ ଘଟଣା ସମ୍ପର୍କରେ ସୂଚନା ପାଇ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବିଜୟ କୁମାର ବଳିୟାର ସିଂହ ଗ୍ରାମର କିଛି ଯୁବକ, ଜନପ୍ରତିନିଧିଙ୍କ ସହାୟତାରେ ସୁବାସଙ୍କ ଶବ ସତ୍କାର କରିଥିଲେ। ଗ୍ରାମର ଜଣେ ଯୁବକ ଦିପୁ ପରିଡା ମୁଖାଗ୍ନି ଦେଇଥିଲେ। ଶବଦାହ ସମୟରେ ନୂଆସାହିର ସଭାପତି ଦାମୋଦର ନାୟକ, ୱାର୍ଡସଭ୍ୟ ସୁବାସ ଧଳ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମାନବିକତା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ସରପଞ୍ଚ ପ୍ରତିନିଧିଙ୍କ ସହ ଯୁବକମାନଙ୍କୁ ପ୍ରଶଂସା କରାଯାଇଛି।

## ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା ଫଳ

# ତିଗିରିଆ ବ୍ଲକ୍‌ର ୮ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ

ତିଗିରିଆ,୩।୧(ସମିସ): ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଶନିବାର ଜାତୀୟ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ତିଗିରିଆ ବ୍ଲକର ୮ଜଣ ଛାତ୍ରଛାତ୍ରୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଯୋଗ୍ୟ ବିବେଚିତ ହୋଇଥିବା ୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫ ଜଣ ଛାତ୍ରୀ ରହିଥିବା ସୂଚନା ମିଳିଛି। ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଏହି ପରୀକ୍ଷାରେ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ଥିତିପ୍ରଜ୍ଞା କଟୁଆଳ, ରାଜ ରାଜେଶ୍ୱରୀ ସାହୁ, ଛାତ୍ର ଅଜିତ ମହାନ୍ତି, କୌଶିକ ରାଜିତ ଦାଶ, ଅଂଶୁମାନ ରାଉତ ରହିଥିବା ବେଳେ ବିନ୍ଧାଣୀମା ନୋଡାଳ ଉଚ୍ଚ ବିଦ୍ୟାଳୟର ଛାତ୍ର ରାକେଶ ସାମଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ତିଗିରିଆର ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା, ଜେମାଦେଇପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ରୁଦ୍ରନାରାୟଣ ମହାପାତ୍ର ରହିଥିବା ସୂଚନା ମିଳିଛି। ବୃତ୍ତି ପାଇଁ ଯୋଗ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣାଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସମସ୍ତ ଛାତ୍ରଛାତ୍ରୀଙ୍କୁ ଆସନ୍ତା ଦୁଇବର୍ଷ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

# ରଘୁନାଥ ମନ୍ଦିରରେ ହନୁମାନ ଚାଳିଶା ପାଠ ଓ ପ୍ରବଚନ

ଆଠଗଡ଼,୩।୧(ସମିସ): ଇଂରାଜୀ ନବବର୍ଷ ଉପଲକ୍ଷେ ଆଠଗଡ଼ ଅଞ୍ଚଳରେ ସମସ୍ତ ମନ୍ଦିରଗୁଡିକରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଆଠଗଡ଼ ସହରସ୍ଥିତ ଶ୍ରୀ ଅଟ୍ଟାଳୀ ଜଗନ୍ନାଥ, ମା' ବାଉତୀ, ଉତ୍ତରାଚଣ୍ଡୀ, ରଘୁନାଥ ମନ୍ଦିରରେ ସକାଳୁ ସକାଳୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସମସ୍ତେ ଠାକୁରଙ୍କ ନିକଟରେ ଦୀପ ଜାଳି ଆଗାମୀ ବର୍ଷ ପାଇଁ ଶୁଭ କାମନା କରିଥିଲେ। ଏହି ଅବସରରେ ଆଠଗଡ଼ ରଘୁନାଥ ମନ୍ଦିରରେ ୧୦୮ ହନୁମାନ ଚାଳିଶା ପାଠର ଆୟୋଜନ କରାଯାଇଥିଲା। ସନ୍ଧ୍ୟା ସମୟରେ ଓଡ଼ିଶାର କୁନି ପ୍ରବଚକ କେଶବ ଦାସ ଓରଫ ଦ୍ୱୀତିକୃଷ୍ଣଙ୍କ ଦ୍ୱାରା ରାମକଥା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଘୁନାଥଜୀଉ କୃପା ପରିଷଦ ପକ୍ଷରୁ ସମସ୍ତ ବ୍ୟବସ୍ଥା ସହିତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ପ୍ରାୟ ୩ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।



# ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର



ସାଲେପୁର,୩।୧(ସମିସ): ନରଦା ପଞ୍ଚାୟତର ହରିପୁରଠାରେ ଧରଣୀଧର ସୁବୁଦ୍ଧିଙ୍କ ୨୧ବର୍ଷର ପୁତ୍ର ଭବାନୀଶଙ୍କର ସୁବୁଦ୍ଧି ଦିନ ୨ଟାବେଳେ ବିରୂପା ନଦୀକୁ ଗାଧୋଇବାକୁ ଯାଇଥିବାବେଳେ କୌଣସି କାରଣରୁ ନଦୀ ଭିତରେ ବୁଡ଼ିଯାଇଥିଲେ। ଶେଷରେ ଦମକଳ ବାହିନୀ ଓ ସାଲେପୁର ପୁଲିସ ପହଞ୍ଚି ଖୋଜାଖୋଜି କରିବା ପରେ ନଦୀର ୫ ଶହ ଫୁଟ ଦୂରରେ ଭବାନୀଙ୍କ ମୃତଶରୀର ଉଦ୍ଧାର କରାଯାଇ ପୋଷ୍ଟମର୍ଟମ କରିବାକୁ ପଠାଯାଇଛି। ଭବାନୀ ପରିବାରର ଏକମାତ୍ର ପୁତ୍ର ହୋଇଥିବାବେଳେ ତାଙ୍କର ମୃତ୍ୟୁକୁ ନେଇ ପରିବାରବର୍ଗ ଭାଙ୍ଗିପଡିଛନ୍ତି। ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇଦେବାକୁ ପୂର୍ବତନ ସରପଞ୍ଚ ଗୌରହରି ସୁବୁଦ୍ଧି ଦାବି କରିଛନ୍ତି।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ତିଗିରିଆ,୩।୧(ସମିସ): ତିଗିରିଆ ବ୍ଲକ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ୨୪ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ବିଜୟ କୁମାର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ସତୀଶ ପ୍ରଧାନ +୨ ଓ +୩ ଶ୍ରେଣୀର ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡା ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସୁଧୀରଚନ୍ଦ୍ର ନାଥ, କ୍ୟାପଟେନ ଲକ୍ଷ୍ମୀଧର ସାହୁ, କ୍ରୀଡା ଶିକ୍ଷକ ରୂପେନ୍ଦ୍ର ନାରାୟଣ ତ୍ରିପାଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପକ ବନୋଜ ଦାଶ, ଡ. ପତିତପାବନ ପଣ୍ଡା, ଅଧ୍ୟାପିକା ଇନ୍ଦିରା ସାମନ୍ତରାୟ, ପୁଷ୍ପାଞ୍ଜଳି ବାରିକ, ରାମଚନ୍ଦ୍ର ବେହେରା, ବିଜୟ ଦାସ, ଅମିତ ମିଶ୍ର, ନିତ୍ୟାଶ୍ରୀ ସ୍ୱାଇଁ, ଗୁଲପସା ତବସୁମ, ରଶ୍ମିରେଖା ମଲ୍ଲିକ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ନେମାଳ ପୀଠରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୁଷ୍ୟାଭିଷେକ

## ରାଜାଧୀରାଜ ବେଶରେ ଦର୍ଶନ ଦେଲେ ପ୍ରଭୁ



ନେମାଳ,୩।୧(ସମିସ): ନେମାଳସ୍ଥିତ ଶ୍ରୀ ଶ୍ରୀ ମହାପୁରୁଷ ଅଚ୍ୟୁତାନନ୍ଦ ଦେବଙ୍କ ପୀଠରେ ପବିତ୍ର ପୁଷ୍ୟାଭିଷେକ ମହୋତ୍ସବ ଅତି ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ପ୍ରଭାତରୁ ମଙ୍ଗଳ ଆଳତୀ, ମହାସ୍ନାନ, ଅବକାଶ ଏବଂ ଚନ୍ଦ୍ରଲାଗି ଆଦି ନୀତିକାନ୍ତି ସମ୍ପନ୍ନ ହେବା ପରେ ଶ୍ରଦ୍ଧାଳୁମାନଙ୍କ ପାଇଁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଏହି ଅବସରରେ କୁଞ୍ଜବିହାରୀ ପୀଠରୁ ଏକ ବିରାଟ ପଗଡ଼ିକୁ ପୂଜାର୍ଚ୍ଚନା କରାଯାଇ ଏକ ସୁସଜ୍ଜିତ ବିମାନରେ ବିରାଟ ଶୋଭାଯାତ୍ରା ବାହାରିଥିଲା। ଏହି ପଟୁଆରଟି ଦଧିବାମନ ପୀଠ, ମା' ତାରିଣୀ ଓ ମା' ମଙ୍ଗଳା ପୀଠ ପରିକ୍ରମା କରିଥିବା ବେଳେ ଗାଁର ପ୍ରତି ଛକରେ ମହିଳାମାନେ ହଳଦୀ ପାଣି ପକାଇ ଓ ବନ୍ଦାପନା କରି ପ୍ରଭୁଙ୍କୁ ସ୍ୱାଗତ କରିଥିଲେ। ବାଜା, ବାଣ ଏବଂ ଭଜନ କୀର୍ତ୍ତନର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପଗଡ଼ିଟି ପୀଠରେ ପହଞ୍ଚିବା ପରେ ପ୍ରଭୁଙ୍କୁ ଲାଗି କରାଯାଇଥିଲା। ସନ୍ଧ୍ୟା ସମୟରେ ପୀଠରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିବା ବେଳେ ଅଷ୍ଟଗୁଜରୀ ଭାଗବତ ପଠନ ଓ ତୁଳସୀ ଟାହିଆ ଲାଗି କରାଯାଇଥିଲା। ସବୁଠାରୁ ଆକର୍ଷଣୀୟ ଦୃଶ୍ୟ ଥିଲା ମହାପ୍ରଭୁ ଅଚ୍ୟୁତାନନ୍ଦ ଦେବଙ୍କ 'ରାଜାଧୀରାଜ ବେଶ', ଯେଉଁଠାରେ ସେ ପ୍ରଭୁ ବଳଭଦ୍ର, ଜଗନ୍ନାଥ ଓ ମା' ସୁଭଦ୍ରାଙ୍କ ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପୂରା ପୀଠକୁ ରଙ୍ଗବେରଙ୍ଗର ଫୁଲରେ ସଜାଯାଇ ଏକ ଅପୂର୍ବ ଶୋଭା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବରିଷ୍ଠ ସେବାୟତ ଧରଣୀଧର ପୂଜାରୀ, ଆଇନଜୀବୀ ଶିଶିର ଦାସଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଓ ସେବାୟତ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ନେମାଳ ଥାନା ଆଇଆଇସି ସୁଶୀଳ ନାୟକଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ପ୍ରସାଦ ସେବନ ଓ ସନ୍ଧ୍ୟା ଆଳତୀ ପରେ ଏହି ମହୋତ୍ସବ ଶାନ୍ତିପୂର୍ଣ୍ଣ ଭାବେ ଉଦ୍‌ଯାପିତ ହୋଇଛି।

